# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୭ ଡିସେମ୍ବର ୨୦୨୪

----

[ମହିଳା ଓ ଶିଶୁ ବିକାଶ - ନିର୍ମାଣ - ପର୍ଯ୍ୟଟନ - ଅବକାରୀ - ମିଶନ ଶକ୍ତି - ଆଇନ ଉପ ମୁଖ୍ୟମନ୍ତ୍ରୀ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ଶିଶୁଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ପରୀକ୍ଷଣ

*301 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଙ୍ଗନୱାଡି କେନ୍ଦ୍ରରେ ରେ ଦିଆଯାଉଥିବା (ଶିଶୁଙ୍କୁ) ଖାଦ୍ୟର ଗୁଣବତ୍ତା କଣ କେଉଁ ମାନଦଣ୍ଡ ଅନୁଯାୟୀ ତାର ଗୁଣବତ୍ତାକୁ ମାପ କରାଯାଇଛି ବର୍ଷକୁ କେତେ ଥର ତାକୁ ପରୀକ୍ଷା କରାଯାଉଛି ଉତ୍ତର ଦାୟୀତ୍ୱ କାହାଉପରେ ନ୍ୟସ୍ତ କରାଯାଇଛି?

----

### ବାଲେଶ୍ୱରରେ ରିଂ ରୋଡର ସ୍ଥିତି

*302 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କ) ବାଲେଶ୍ୱରରେ ରିଂ ରୋଡ୍ ନିର୍ମାଣ କରିବା ପାଇଁ ଚଳିତ ଆର୍ଥିକ ବର୍ଷର ୪/୨୫ରେ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାର ବର୍ତ୍ତମାନର ସ୍ଥିତାବସ୍ଥା କଣ ; ଏହା ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ; ଉକ୍ତ ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ରାସ୍ତାର ସମସ୍ତ map ତଥା ରାସ୍ତାର ଆରମ୍ଭ ଶେଷ ସମ୍ପୂର୍ଣ DPR ପ୍ରଦାନ କରିବେ କି ; (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ପୂର୍ତ୍ତ ବିଭାଗ ଡିଭିଜନ ୧ ଓ ୨ ଆନୁକୂଲ୍ୟରେ ଚଳିତ ଆର୍ଥିକ ବର୍ଷ ଜୁନ ମାସ ଠାରୁ ଅଦ୍ୟାବଧି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କେତେ ଗୋଟି କାମ କେଉଁ executant agency ଦ୍ୱାରା ଆୱାର୍ଡ଼ କରାଯାଇଛି, ତାହାର ସବିଶେଷ ତଥ୍ୟ ଓ ବିଲ୍ status ସହ କାର୍ଯ୍ୟ ଦେବା ତାରିଖ ସହ ପ୍ରଦାନ କରିବେ କି ?

----

## ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା

***303 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ସମଗ୍ର କେନ୍ଦୁଝର ଜିଲ୍ଲାରେ କେତେଗୋଟି ଏବଂ କେଉଁ କେଉଁ ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି ; ଏ ପ୍ରତ୍ୟେକ ପର୍ଯ୍ୟଟନ ସ୍ଥଳୀର ବିକାଶ ନିମନ୍ତେ ଅଦ୍ୟାବଧି କେତେ ଅର୍ଥ ମଂଜୁର ହୋଇ କି କି ବିକାଶ ସମ୍ଭବ ହୋଇପାରିଛି ଜଣାଇବେ କି ; ଆନନ୍ଦପୁର ବ୍ଲକ ଅଧିନସ୍ଥ ଧକୋଠା ପଞ୍ଚାୟତର ଗଡ MI Project ଏହାର ଭରପୁର ପ୍ରାକୃତିକ ସୌନ୍ଦର୍ଯ୍ୟ, ବିରାଟ ଜଳାଶୟ ଏବଂ ଏହା ମଧ୍ୟରେ ଅବସ୍ଥିତ ଟାପୁର ଅବସ୍ଥିତି ଦୃଷ୍ଟିକୋଣରୁ ଗୋଟିଏ ଅତ୍ୟନ୍ତ ଉପଯୋଗୀ ପର୍ଯ୍ୟଟନସ୍ଥଳୀ ହୋଇପାରିବ ଏହାକୁ ଅନୁଧ୍ୟାନ କରି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ବିଚାର କରିବେ କି?

----

## ତମାଖୁ ଓ ଗୁଟଖା ନିୟନ୍ତ୍ରଣ ପାଇଁ ପଦକ୍ଷେପ

***304 Shri Bijaya Kumar Dalabehera (Baramba):**

Will the Minister for **Excise** be pleased to state that:- (କ) ରାଜ୍ୟରେ chewing tobacco ର ପ୍ରସ୍ତୁତି, ବିପଣନ ଓ ସେବନ ପାଇଁ କେଉଁ କେଉଁ ସଂସ୍ଥାକୁ ଅନୁମତି ଦିଆଯାଇଛି ତାହାର ଠିକଣା ସହ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ; (ଖ) ତମାଖୁ ଓ ଗୁଟଖା ନିୟନ୍ତ୍ରଣ ପାଇଁ ୨୦୧୨ ନିୟମ ଅନୁଯାୟୀ ସରକାର ଏଯାବତ୍ କି କି ପଦକ୍ଷେପ ନେଇଛନ୍ତି ଜଣାଇବେ କି ?

----

## EC ମେମ୍ବରମାନଙ୍କ ସମୟସୀମା ବୃଦ୍ଧି

***305 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମିଶନଶକ୍ତି ଜରିଆରେ MBK, CRP, EC ମେମ୍ବର, Federation, Community Cadres ମାନଙ୍କର ନିଯୁକ୍ତି, ସମୟସୀମା, ନିଲମ୍ବନ ପାଇଁ ସରକାରଙ୍କର କି ପ୍ରକାର ନିୟମାବଳୀ ରଖିଛନ୍ତି, ଉକ୍ତ ପଦବୀଗୁଡିକର କେତେ ଆର୍ଥିକ ସହାୟତା ପାଇବେ ତାର ଉତ୍ସ କଣ ଓ EC ମେମ୍ବରମାନଙ୍କର ସମୟସୀମା ତିନି ବର୍ଷ କି, ଯଦି ହଁ ତେବେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ଓ ଖଇରା ବ୍ଲକରେ ଥିବା EC ମେମ୍ବରମାନଙ୍କର ସମୟସୀମା ଅବଧି ସରିଯାଇଥିଲେ ମଧ୍ୟ ନୂତନ ମେମ୍ବର ନିଯୁକ୍ତି ପାଇଁ ବିଭାଗୀୟ ନିର୍ଦ୍ଦେଶ ଦେବେକି?

----

## ମନ୍ଦିରଗୁଡିକରେ ଶୁଦ୍ଧ Omfed ଘିଅ ବ୍ୟବହାର

***306 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର ମନ୍ଦିରଗୁଡିକରେ ଶୁଦ୍ଧ ଓମଫେଡ୍ ଘିଅ ବ୍ୟବହାର ପାଇଁ ରାଜ୍ୟ ସରକାର କେବେ ନିର୍ଦ୍ଦେଶ ପ୍ରଦାନ କରିଥିଲେ ଓ ଏହା ପରଠାରୁ କେଉଁ କେଉଁ ମନ୍ଦିରରେ କେତେ ସଂଖ୍ୟକ ଓମଫେଡ୍ ଘିଅ ଖରିଦ କରାଯାଇଛି ତାହାର ମାସ ଓ ମନ୍ଦିର ୱାରୀ ଏକ ତାଲିକା ପ୍ରଦାନ କରିବେକି , ମନ୍ଦିରଗୁଡିକରେ ଓମଫେଡ୍ ଘିଅ ବ୍ୟବହାର ପାଇଁ ସରକାର ନିର୍ଦ୍ଦେଶ ଦେବାପରେ ଭୋଗ ଓ ପ୍ରସାଦର ଦାମ ଅହେତୁକ ଭାବେ ବୃଦ୍ଧି ପାଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ, ତେବେ ଲୋକଙ୍କୁ ସୁଲଭ ଦରରେ ଭୋଗ ଓ ପ୍ରସାଦ ଯୋଗାଇ ଦେବାପାଇଁ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସୁଭଦ୍ରା ଯୋଜନା ହିତାଧିକାରୀ ଉପକୃତ

***307 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁଭଦ୍ରା ଯୋଜନାରେ କେତେ ସଂଖ୍ୟକ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ଅର୍ନ୍ତଭୁକ୍ତ ହୋଇଛନ୍ତି ଓ ଆଉ କେଉଁ କେଉଁ ତାରିଖରେ କେତେ କେତେ ସଂଖ୍ୟାରେ ଅତିରିକ୍ତ ହିତାଧିକାରୀଙ୍କୁ ସାମିଲ କରାଯିବାର ଯୋଜନା ଅଛି?

----

## NH - 326 ରାସ୍ତା ପ୍ରଶସ୍ତିକରଣ

***308 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦଶମନ୍ତପୁର ବ୍ଲକରେ PWD ଦ୍ୱାରା ୨୦୧୭-୧୮ ରେ ନିର୍ମାଣ କରାଯାଇଥିବା ପେଡିସିଲ ନଦୀ(Pedicil) ଉପରେ ପୋଲ ୩ କୋଟି ୧୮ଲକ୍ଷ ଟଙ୍କା ବ୍ୟୟରେ ଏବେ ଭାଙ୍ଗି ଯାଇଥିବାରୁ ସେଠାରେ ପୁନର୍ବାର ନୂତନ ପୋଲ କରିବା ପାଇଁ ବ୍ୟବସ୍ଥା କରିବେ କି, ସେହିପରି ଦଶମନ୍ତପୁର ବ୍ଲକ ଯିବା ରାସ୍ତାରେ ଏକ ବିପଦସଙ୍କୁଳ ଅବସ୍ଥାରେ ଥିବା ପୋଲର କାମ କିଛି ଆରମ୍ଭ ହେଲାପରେ ଏବେ ବନ୍ଦ ହେବାର କାରଣ କଣ, କେବେ ପୁଣି ଆରମ୍ଭ ହେବ ଓ ଏହାର DPR Estimate ହୋଇଛି କି ନାହିଁ ଜଣାଇବେ କି, NH-326 ପଞ୍ଚଭ ଠାରୁ Girligumma ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ କେଉଁ ଠିକା କମ୍ପାନୀକୁ ଦାୟିତ୍ୱ କେତେ ଟଙ୍କା ବ୍ୟୟ ଅଟକଳରେ ଦିଆଯାଇଥିଲା ଓ କମ ସମୟରେ ୨ ମାସ ଭିତରେ ରାସ୍ତାରୁ ପିଚୁ ଉଠିଯାଉଥିବାରୁ ସରକାର ସେ ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## ନୂତନ ପର୍ଯ୍ୟଟନ ନୀତି

***309 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ନୂଆ ପର୍ଯ୍ୟଟନ ନୀତି କ'ଣ ହେବ ତାହା ନିର୍ଦ୍ଧାରଣ ହୋଇଛି କି ; ବିଶ୍ୱ ସମୁଦାୟକୁ ଆକର୍ଷଣ କରୁଥିବା ପ୍ରାକୃତିକ ବୈଭବ ଭରା ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ କେଉଁରୂପେ ଗଢ଼ାଯିବ ଏହାର ଯୋଜନା ପ୍ରସ୍ତୁତ ହୋଇଛି କି ?

----

## ବେଆଇନ ମାଦକ ଦ୍ରବ୍ୟ ଜବତ

***310 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ ଜିଲ୍ଲାରୁ କେତେ ବେଆଇନ୍ ମାଦକ ଦ୍ରବ୍ୟ ଜବତ କରାଯାଇ କେତେଜଣଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ପ୍ରକାଶ କରି ବ୍ରାଉନ୍‌ସୁଗାର, ହେରୋଇନ୍ ଭଳି ଉକ୍ତ ମାଦକଦ୍ରବ୍ୟ ସେବନ ଯୋଗୁଁ ଯୁବ ସମାଜ ପଥଭ୍ରଷ୍ଟ ହେଉଥିବା ପରିପ୍ରେକ୍ଷୀରେ ଏହି ମାଦକଦ୍ରବ୍ୟର ସମୁଳେ ମୁଳୋତ୍ପାଟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସକ୍ରିୟଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

***311 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେତୋଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସକ୍ରିୟ ଅଛନ୍ତି ଓ ସେଗୁଡ଼ିକ ମଧ୍ୟରୁ କେତୋଟି କି କି ପ୍ରକାର ଅର୍ଥ କରି ଉତ୍ପାଦନ କ୍ଷମ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେଥିରେ କେତେ ମହିଳା ଭାଗ ନେଇ ମାସିକ ହାରାହାରି କେତେ ଟଙ୍କା ରୋଜଗାର କରୁଛନ୍ତି; ଗତ ଆର୍ଥିକ ବର୍ଷରେ ଏସବୁ ସ୍ୱୟଂସହାୟକ ସଂସ୍ଥାର ଉତ୍ପାଦନ ଓ ବିକ୍ରି ଏବଂ ଲାଭକ୍ଷତି କେତେ ମୂଲ୍ୟ ଥିଲା ଏବଂ ଚଳିତ ଆର୍ଥିକ ବର୍ଷରେ ଏହା କେତେ ହେବ ବୋଲି ଆଶା କରାଯାଉଅଛି ?

----

## ଆସିକାଠାରେ Juvenille Justice Board ଗଠନ

***312 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଆସିକାଠାରେ ଶିଶୁ ଅପରାଧିଙ୍କ ନିମନ୍ତେ ଏକ ବିଚାରାଳୟ ଥିଲା କିନ୍ତୁ ଶିଶୁ ଅପରାଧି ଆଇନରେ ପରିବର୍ତ୍ତନ ହେବା ପରେ ତାହା ବ୍ରହ୍ମପୁରଠାରେ ବିଚାର ହୋଇ ଆସୁଥିଲା ଏବଂ ପରେ ବର୍ତ୍ତମାନ ଏହି ଅଞ୍ଚଳରେ ବାଳ ଅପରାଧିମାନେ ଛତ୍ରପୁରଠାରେ ବିଚାରଣ ହେଉଛନ୍ତି ଏବଂ ବ୍ରହ୍ମପୁର ସୁଧାର ଗୃହରେ ଅନ୍ତେଃବାସି ହୋଇ ରହୁଛନ୍ତି, ଆସିକାଠାରେ ଭଲ ଓକିଲ ସଂଘ ଗୃହ ଏବଂ ଏକ ଉପଖଣ୍ଡସ୍ତରୀୟ ଆରକ୍ଷୀ ଅଧିକ୍ଷଙ୍କ କାର୍ଯ୍ୟାଳୟ ମଧ୍ୟ ରହିଅଛି ଏଣୁ ଏହିଠାରେ ସରକାର ସ୍ଥାନୀୟ (A.S.J) ସହକାରୀ ଦୌରାଜର୍ଜଙ୍କ ତତ୍ତ୍ୱାବଧାନରେ Juvenile Justice Board ଗଠନ କରି ବାଳ ଅପରାଧିମାନଙ୍କ ବିଚାରଣ ପ୍ରକ୍ରିୟା କଲେ ସ୍ଥାନୀୟଲୋକ ନ୍ୟାୟ ପାଇବାରେ ସହାୟକ ହେବେ, ଏଣୁ ସରକାର ଏହି ପରିପ୍ରେକ୍ଷୀରେ ଉଦ୍ୟମ କରି ଆସିକାରେ Juvenille Justice Board ଗଠନ କରିବେ କି ?

----

## ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ଯୋଗାଣ

***313 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଜିଲ୍ଲାରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକ ନିଜସ୍ୱ ଘର ନଥିବା, ପାନୀୟ ଜଳର ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା ଓ ଶୌଚାଳୟର ବ୍ୟବସ୍ଥା ନଥିବା ସରକାର ଅବଗତ ଅଛନ୍ତି କି ; ଯଦି ଅଛନ୍ତି ତାହେଲେ ଏସବୁର ସମାଧାନ ପାଇଁ ତୁରନ୍ତ ବ୍ୟବସ୍ଥା କରିବେ କି ଏବଂ ଗଜପତି ଜିଲ୍ଲାର ପ୍ରତି ବ୍ଲକ ମାନଙ୍କରେ କେତୋଟି ଅଙ୍ଗନୱାଡି ପଦବୀ ଓ ସହାୟକ ପଦବୀ ଖାଲିଅଛି?

----

***314 ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

## ସ୍ୱଳ୍ପ ମୂଲ୍ୟରେ ପରିଭ୍ରମଣ

***315 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ରାଜ୍ୟ ଭିତର ଓ ବାହାରର ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ପର୍ଯ୍ୟଟକମାନଙ୍କୁ ପରିଭ୍ରମଣର ସୁଯୋଗ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## Excise ବାବଦରେ Revenue ଆଦାୟ

*316 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ୨୦୨୩ -୨୦୨୪ ମସିହାରେ ସରକାର Excise Revenue ବାବଦରେ କେତେ ଟଙ୍କା ପାଇବା ଲକ୍ଷ୍ୟ ରଖିଥିଲେ ଓ କେତେ ଟଙ୍କା ପାଇଲେ ତାହାର ଏକ ଜିଲ୍ଲାୱାରୀ ତାଲିକା ( Excise Item Wise ) ଦେବେ କି, ଆଗାମୀ ୨୪-୨୫ ମସିହାରେ କେତେ ଟଙ୍କା ଆଦାୟ ଲକ୍ଷ୍ୟ ରଖିଛନ୍ତି ଓ କେତେ ଟଙ୍କା ଆଦାୟ ହେଲାଣି ?

----

*317 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

----

## Provide the Legal Professional Training Schemes

*318 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a)Is there any scheme focused on training judicial and legal professionals in Odisha on recent legal reforms and digital tools; How much funding has been allocated for such training programmes, and what proportion of this budget is specifically earmarked for Odisha;( b) Will the Govt provide the number of legal professionals who have undergone training under these schemes in the past year ?

----

## ଅଙ୍ଗନୱାଡ଼ି କେନ୍ଦ୍ର

*319 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିକଟରେ ଆମ ରାଜ୍ୟର ଝାରସୁଗୁଡ଼ା ଠାରେ ଥିବା ଏକ ପ୍ରାଇଭେଟ କମ୍ପାନୀ ଏବଂ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇ ୫୦୦ ଅଙ୍ଗନବାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି, ଏହି ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ର ମହିଳା ଏବଂ ଶିଶୁ ମାନଙ୍କର ବିକାଶ ତଥା ଉଜ୍ଜଳ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବ ଓ ଯାହାକି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିବା ସ୍ଥଳେ ସେହିପରି ଅନ୍ୟ ଜିଲ୍ଲା ମାନଙ୍କରେ ଥିବା ପ୍ରାଇଭେଟ କମ୍ପାନୀ ମାନଙ୍କ ସହିତ ଅତ୍ୟାଧୁନିକ ନନ୍ଦଘର ବା ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ ବିଷୟରେ ବୁଝାମଣା କରିବାର ପ୍ରସ୍ତାବ ସରକାରଙ୍କର ଅଛି କି?

----

## ପୂର୍ତ୍ତ ବିଭାଗ ଅଧିନରେ ଥିବା ରାସ୍ତା

*320 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପୂର୍ତ୍ତ ବିଭାଗ ଅଧିନରେ ବର୍ତ୍ତମାନ କେତେ ସଂଖ୍ୟକ ରାସ୍ତା ରହିଛି ସେ ସମ୍ପର୍କରେ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଗୁଣାତ୍ମକ ମାନର ରାସ୍ତା ନିର୍ମାଣ ହୋଇଛି କି ନାହିଁ ତାହାର ତଦନ୍ତ ସମ୍ପର୍କରେ ଅବଗତ କରାଇବେ କି, କେତେ ସଂଖ୍ୟକ ରାସ୍ତା ଧାର୍ଯ୍ୟ ସମୟ ପୂର୍ବରୁ ଖରାପ ହୋଇଛି ଏବଂ କେତେ ସଂଖ୍ୟକ ରାସ୍ତା କାର୍ଯ୍ୟ ଅଧାରୁ ଅଟକିଛି, ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ନୂତନ ପର୍ଯ୍ୟଟନ ସ୍ଥଳୀ ଚିହ୍ନଟ

***321 ଶ୍ରୀ ନରସିଂ ଭାତ୍ରା (ଝରୀଗାଁ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଝରୀଗାଁ ନିର୍ବାଚନ ମଣ୍ଡଳୀରେ ଥିବା କେଉଁ କେଉଁ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ଭାବରେ ଚିହ୍ନଟ କରାଯାଇଛି, ଯଦି ଚିହ୍ନଟ କରାଯାଇନାହିଁ ତାହାହେଲେ ଝରୀଗାଁ ନିର୍ବାଚନ ମଣ୍ଡଳୀରେ ଥିବା ଭଇଁରାଘୁମର, ସାଇଦରା, ଗୋସେଇଁଦରା କୁ ଚିହ୍ନଟ କରି ସରକାର କେବେସୁଦ୍ଧା ପର୍ଯ୍ୟଟନସ୍ଥଳୀର ଭିତ୍ତି ଭୂମି ନିମନ୍ତେ ହାତକୁ ନେବେ?

----

## ରାଜ୍ୟରେ ଥିବା ମଦ ଦୋକାନ

***322 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ସମସ୍ତ ମଦ ଦୋକାନର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ମଦ ଦୋକାନ ଜଣେ ବ୍ୟକ୍ତି ନାମରେ ଥିବା ବେଳେ ତାକୁ ପରିଚାଳନା ଅନ୍ୟ ଜଣେ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ନିୟୋନ୍ତ୍ରିତ ହେଉଅଛି, ଏହା ସତ୍ୟ କି, ଯଦି 'ହଁ' ତେବେ ଏହା ସ୍ୱଚ୍ଛ ଓ ନିରପେକ୍ଷ କରାଯାଇ ପ୍ରକୃତ ହିତାଧିକାରୀକୁ ବ୍ୟବସାୟ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## G.P.L.F ମାନଙ୍କୁ ପାରିଶ୍ରମିକ ପ୍ରଦାନ

***323 ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ଦୀର୍ଘ ବର୍ଷରୁ କାର୍ଯ୍ୟକରୁଥିବା G.P.L.F (Staff) କର୍ମଚାରୀ ଏପ୍ରିଲ 2024 ରୁ ଆଜି ପର୍ଯ୍ୟନ୍ତ ତାଙ୍କର ପାରିଶ୍ରମିକ ପାଇନାହାନ୍ତି ସରକାର ଉପରୋକ୍ତ କର୍ମଚାରୀଙ୍କ ପାରିଶ୍ରମିକ ପ୍ରଦାନ ନିମନ୍ତେ ପଦକ୍ଷେପ ନେବେ କି ଯଦି ହଁ, କେତେ ଦିନ ମଧ୍ୟରେ ପଦକ୍ଷେପ ନେବେ, ଜଣାଇବେକି ?

----

## ଦେବୋତ୍ତର ଜମିକୁ ଜବରଦଖଲ ମୁକ୍ତ

***324 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ଚଣା ବ୍ଲକରେ ଥିବା ପ୍ରସିଦ୍ଧ ମହାବିନାୟକ, ଛତିଆବଟ ଜଗନ୍ନାଥ ମନ୍ଦିର ଏବଂ ଚଣ୍ଡି ମନ୍ଦିରର ଦେବୋତ୍ତର ସମ୍ପତ୍ତିର ସବିଶେଷ ତଥ୍ୟ, ମନ୍ଦିର ୱାରୀ ପ୍ରଦାନ କରିବେ କି? ଦେବୋତ୍ତର ନାମରେ ଥିବା ସେହି ଜମି, ଲୋକଙ୍କ ଦ୍ୱାରା ଜବରଦଖଲ ହୋଇଛି କି? ଯଦି ହଁ, ସେହି ଦେବୋତ୍ତର ଜମିକୁ ଜବର ଦଖଲ ମୁକ୍ତ କରିବାକୁ ସରକାର ପଦକ୍ଷେପ ନେବେ କି ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ସ୍ଥିର କରିବେ କି?

----

## ଭଡାଘରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ର

*325 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ଅଧୁନା କେତୋଟି ଅଙ୍ଗନୱାଡି କେନ୍ଦ୍ର ଅଛି , କେତୋଟି ମିନି ଅଙ୍ଗନୱାଡୀ କେନ୍ଦ୍ର ଅଛି, କେତେ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହ ଅଛି, କେତେ ଅଙ୍ଗନୱାଡି କେନ୍ଦ୍ର ଭଡାଘରେ ଚାଲିଛି, ଗତ ୨ ବର୍ଷ ଭିତରେ କେତୋଟି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ କେନ୍ଦ୍ର ସରକାର କେତେ ପରିମାଣରେ ଆର୍ଥିକ ସହାୟତା ଦେଇଥିଲେ ଓ ସେଥିରେ କେତେ ଗୃହ ନିର୍ମାଣ ହୋଇଛି, ଭଡା ବାବଦକୁ ସରକାର ବାର୍ଷିକ କେତେ ଖର୍ଚ୍ଚ କରୁଛନ୍ତି, କେତେ ଜଣ ଅଙ୍ଗନୱାଡି କର୍ମୀ, ସହାୟିକା, Supervisor ରାଜ୍ୟରେ ଅଛନ୍ତି, କେତେ ପଦବୀ ଖାଲିଅଛି ଓ କେତେ ପିଲା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଛନ୍ତି ?

----

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପଥପ୍ରାନ୍ତ ସେବା କେନ୍ଦ୍ର

*326 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜାତୀୟ ରାଜପଥ ପାର୍ଶ୍ୱରେ ଜନସାଧାରଣ ବିଶେଷ କରି ମହିଳା ଓ ଶିଶୁ ମାନଙ୍କ ବିଶ୍ରାମ, ଶୌଚାଳୟ ଓ ଭୋଜନ ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିବା ପଥପ୍ରାନ୍ତ ସେବା କେନ୍ଦ୍ର ଗୁଡିକ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦୃଷ୍ଟିକୁ ଆସିଛିକି, ଯଦି ହଁ, ତେବେ ଏ ଗୁଡିକର ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନେବେକି ଏବଂ ଏଥିରେ କାର୍ଯ୍ୟରତ କର୍ମଚାରୀମାନେ ଦୀର୍ଘ ଦିନ ଧରି ଦରମା ନ ପାଇ କାମ କରୁଥିବା ବେଳେ, ସରକାର ସେମାନଙ୍କର ବକେୟା ଦରମା ଦେବାର ଶୀଘ୍ର ବ୍ୟବସ୍ଥା କରିବେ କି ?

----

## ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ଅର୍ଥ ବରାଦ

*327 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ବଜେଟରେ ଓଡିଶାର ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ଅର୍ଥ ବରାଦ କରାଯାଇଛି, ସେ ଅର୍ଥକୁ ପ୍ରାପ୍ତ କରିବା ପାଇଁ ରାଜ୍ୟ ସରକାର କ'ଣ ଖସଡା ପ୍ରସ୍ତୁତ କରିଛନ୍ତି ଏହାର ବିବରଣୀ ରଖିବେ କି ?

----

## ଗଜପତି ଜିଲ୍ଲାରେ ଥିବା ଦେଶୀ ଓ ବିଦେଶୀ ମଦ ଦୋକାନ

***328** **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗଜପତି ଜିଲ୍ଲାରେ ମୋଟ କେତେ ଗୋଟି ଦେଶୀ ଓ ବିଦେଶୀ (R.L.Shop) ଅଛି ତାର ଏକ ବିସ୍ତୃତି ତାଲିକା ବ୍ଲକୱାରୀ ପ୍ରଦାନ କରିବେ କି, ଉପରୋକ୍ତ ମଦଦୋକାନ ମାନଙ୍କରୁ ମଦପିଇ ହଜାର ହଜାର ସଂଖ୍ୟକ ମୃତ୍ୟୁବରଣ କରୁଥିବା ଗତ 10 ବର୍ଷର ରିପୋର୍ଟରୁ ଉପଲବ୍ଧ ହୋଇଥିବା ବିଷୟରେ ଅବଗତ ଅଛନ୍ତି କି ଉତ୍ତର ହଁ ହେଲେ ଏଥିରୁ ନିବୃତ ରହିବାକୁ ସରକାର କି କି ଉଚିତ ପଦକ୍ଷେପ ମାନ ଗ୍ରହଣ କରିବାକୁ ସ୍ଥିର କରିଛନ୍ତି ?

----

## Livelihood Mission ଯୋଜନା ଦ୍ଵାରା ଅର୍ଥ ମଞ୍ଜୁର

***329** **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ Livelihood Mission ଯୋଜନାରେ କେତେ ଟଙ୍କା ଗତ ଆର୍ଥିକ ଓ ଚଳିତ ଆର୍ଥିକ ବର୍ଷରେ ମଞ୍ଜୁର ହୋଇ କି କି କାମ ଓ କେଉଁ କେଉଁ ସ୍ଥାନରେ ହୋଇଛି ଏଥିରେ କେତେ ମହିଳାମାନେ ଉପକୃତ ହୋଇଛନ୍ତି ?

----

## Disposal of High Court Cases

***330** **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ଵାଇଁ (ଆଠଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Average disposal of cases by the High Court of Odisha for last three years- year wise; (b) Is there an existing mechanism or a Bench mark for the same?;Total No. of cases now pending in the High Court & the expeditious mechanism in place to dispose of the same?

----